Achievements

ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

## ଏପ୍ରିଲ୍‌ରୁ ଜୁନ୍ ମାସ ପାଇଁ କୃଷି ସୂଚନା

- ଧାନ ଫସଲର ଜଳସେଚନ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ମାଟିଆଗୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ପ୍ରତି ୪ଲିଟର ପାଣିରେ ୧ମି.ଲି. ଇମିଡ଼ାକ୍ଲୋପ୍ରିଡ୍ (୧୭.୮ଏମ୍.ଏଲ) ମିଶାଇ ଧାନ ଫସଲରେ ସିଞ୍ଚନ କରନ୍ତୁ । ଗଛ ମୂଳକୁ ଯେମିତି କୀଟନାଶକ ଭଲ ରୂପେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
- ଧାନ ଅମଳର ୭ଦିନ ପୂର୍ବରୁ ଜଳ ନିଷ୍କାସନ କରନ୍ତୁ ।
- ଡ଼ାଲିଜାତୀୟ ଫସଲରେ ଛୁଇଁ ୮୦-୮୫ ଭାଗ ପାକଳ ହେଇଗଲେ ଅମଳ କରିଦିଅନ୍ତୁ ।
- ଛୁଇଁ ଅମଳପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଉଚିତ୍ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ ହିସାବରେ ସୋରିଷ କିମ୍ବା ରାଶିତେଲ ଗୋଳାଇ ରଖିଲେ ପୋକ ଲାଗିବା କମିଯାଏ ।
- ଚିନାବାଦାମ ଛେପାର ଭିତର ପାଖରେ କଳା ବା ବାଦାମୀ ଶିରା ଦେଖାଗଲେ ଗଛ ଉପାଡ଼ି ଅମଳ କରନ୍ତୁ । ମାଟି ଶୁଖି ଟାଣ ହୋଇଯାଇଥିଲେ ସହଜରେ ଅମଳ କରିବା ପାଇଁ ଜମିରେ ହାଲୁକା ପାଣି ମଡ଼ାନ୍ତୁ ।
- ଜମିରେ ଅବସ୍ଥା ଦେଖି ଖରାଟିଆ ହଳ କରନ୍ତୁ ହଳ କରିବା ଦ୍ୱାର ଜମିରୁ ବିଭିନ୍ନ ପ୍ରକାର ଘାସ ତଥା ମାଟି ଭିତରେ ଥିବା ପୋକର ଅଣ୍ଡା ଓ ଶୂକ ଇତ୍ୟାଦି ନଷ୍ଟ ହୋଇଯାଆନ୍ତି । ଏହା ଦ୍ୱାରା ମୁଖ୍ୟ ଫସଲରେ ରୋଗପୋକ ମାତ୍ରା କମିଯାଏ ।
- ଧାନ ଫସଲ ପାଇଁ ଜମିର ପ୍ରକାର ଦେଖି କିସମ ଚୟନ କରନ୍ତୁ ।
- ବୁଣିବା ପୂର୍ବରୁ ବିହନକୁ କେଜି ପ୍ରତି ୨ଗ୍ରାମ୍ କାର୍ବେଣ୍ଡାଜମ୍ ଦ୍ୱାରା ବିଶୋଧନ କରନ୍ତୁ ।
- ଧାନ ଫସଲରେ ସୁଫଳ ପାଇବା ପାଇଁ ଧନିଚାକୁ ସବୁଜସାର ରୂପେ ବ୍ୟବହାର କରନ୍ତୁ ।
- ଡ଼ାଲିଜାତୀୟ ଫସଲରେ ବିହନ ଉପଚାର ପାଇଁ ଜୀବାଣୁ କଲ୍‌ଚର ବ୍ୟବହାର କରନ୍ତୁ ।
- ମକା ଫସଲ ପାଇଁ ଜମି ପ୍ରସ୍ତୁତ କରି ଧାଡ଼ିକୁ ଧାଡ଼ି ୬୦ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୨୫ସେ.ମି. ବ୍ୟବଧାନ ରଖନ୍ତୁ । ଜଳ ନିଷ୍କାସନର ବ୍ୟବସ୍ଥା ପ୍ରଥମରୁ ଆପଣାନ୍ତୁ ।
- ଚିନାବାଦାମ ଫସଲରେ ଚୂନ ଏବଂ ଗନ୍ଧକର ଚାହିଦା ମେଣ୍ଟାଇବା ପାଇଁ ଏକର ପ୍ରତି ୧୦୦କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ବୁଣିବା ପୂର୍ବରୁ ବିହନକୁ ବିଶୋଧନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ କଲ୍‌ଚରରେ ଉପଚାର କରନ୍ତୁ ।

## ଫଟୋ କହେ କଥା...










This News letter is Printed, Published & Owned by Sinior Scientist & Head, KVK, Sundargarh-II, Rourkela, Dist: Sundargarh, Pin: 769004,
Phone: 0661-2664050, E-mail: kvksundergarh2.ouat@gmail.com, www.kvksundargarh2.org, Printed at: ankitagraphics, BBSR, Cell:9437077337
Chief Editor: Dr. Jayant Kumar Pati

Ispat Krushi Bartta

ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

# The Ispat Krushi Bartta

Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଚତୁର୍ଥ ବର୍ଷ | ଅପ୍ରେଲ-ଜୁନ୍ ୨୦୧୬ | ପ୍ରଥମ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟଙ୍କ କଲମରୁ...



ସଂପ୍ରତି ପରିବର୍ତ୍ତନଶୀଳ ବିଶ୍ୱ ତାପମାତ୍ରା କୃଷିକ୍ଷେତ ଏବଂ ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିଛି । ମଣିଷର ବୁଦ୍ଧି ବଳଦ୍ୱାରା ସୀମିତ ସମ୍ବଳ ଏବଂ ଅନିଶ୍ଚିତ ଜଳବାୟୁ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠାକରି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଖାଦ୍ୟ, ପାନୀୟ ତଥା ବଂଚିବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଡ଼ କ୍ଷେତ୍ରରେ ଉପୁଜୁଥିବା ଦୈନନ୍ଦିନ ସମସ୍ୟାର ମୁକାବିଲା କରିବା ଆଜି ଅମମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି । ଏଥିରୁ କୃଷକମାନେ ମଧ ବାଦ୍ ପଡ଼ିନାହାନ୍ତି । ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ସମ୍ପଦ ପରିଚାଳନା, ଆପଦକାଳୀନ ସମ୍ଭାବ୍ୟ ଯୋଜନା, ଜଳବାୟୁ ସହଣୀ କାର୍ଯ୍ୟକ୍ରମ, ଫସଲ ବିବିଧକରଣ, ଜୈବିକ କୃଷି, ସମନ୍ୱିତ କୃଷି, ସଂରକ୍ଷଣ କୃଷି, ସୁରକ୍ଷିତ କୃଷି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଇତ୍ୟାଦି ବିଷୟଗୁଡ଼ିକ ପ୍ରତି ଯଥୋଚିତ ଧ୍ୟାନ ଦେବାକୁ ପଡ଼ିବ । ଅମ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ସଫଳ ଭାବରେ ରୂପାୟନ କରିବାରେ କୃଷକ ଭାଇ ଭଉଣୀମାନଙ୍କୁ ସହାୟତା କରି ଆସୁଛନ୍ତି ।

ପାହାଡ଼ ପର୍ବତ ତଥା ଘନ ଜଙ୍ଗଲ ଘେରା ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲ୍ଲାରେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରିବା ସତ୍ତ୍ୱେ ଆମ କେନ୍ଦ୍ରର ବୈଜ୍ଞାନିକମାନଙ୍କ ଦ୍ୱାରା ବିଭିନ୍ନ ଗବେଷଣା ଉପଲବ୍ଧ ଜ୍ଞାନ କୌଶଳ କୃଷିକ୍ଷେତ୍ରରେ ସମ୍ପ୍ରସାରଣ କରିବାରେ ବେଶ୍ ସହାୟକ ହୋଇ ପାରିଛି । ଏସବୁକୁ ବାଦ୍‌ଦେଲେ ଦୃଷ୍ଟିଚିତ୍ର-୨୦୫୦ର ପ୍ରସ୍ତୁତି, ଭାଗୀଦାରୀ ଗବେଷଣା ଅନୁଶୀଳନ ସର୍ବେକ୍ଷଣ, ଦକ୍ଷତା ବିକାଶ ତାଲିମ ସାଙ୍ଗକୁ ମୃତ୍ତିକା ପରୀକ୍ଷା, ତରଳ ଜୈବିକ ସାର, ବିହନ ଉପଚାର, ଅଣୁ ଏବଂ ବୁନ୍ଦା ଜଳସେଚନ, ପ୍ଲାଷ୍ଟିକ୍ ଆଚ୍ଛାଦାନ, ଇତ୍ୟାଦି ବିଷୟ ଗୁଡ଼ିକ ପ୍ରତି ଆମ ଚାଷିଭାଇମାନେ ବେଶ୍ ସଚେତନ ହୋଇ ପାରିଛନ୍ତି ।

ରାଜ୍ୟର ଦ୍ୱିତୀୟ କୃଷି ବିଜ୍ଞାନ କେନ୍ଦ୍ରରୂପେ ପରିଚିତ ଆମ କେନ୍ଦ୍ର ସ୍ଥାନୀୟ ଅଧିବାସୀଙ୍କ ସାମାଜିକ-ଆର୍ଥିକ ଆବଶ୍ୟକତା ଓ ସମସ୍ୟାକୁ ଅନୁଧ୍ୟାନକରି ଚାଷିଭାଇମାନଙ୍କୁ ସୁହାଇଲା ଭଳି ସେମାନଙ୍କ କ୍ଷେତରେ ସଅଳ କିସମର ଫସଲ, ପରୀକ୍ଷଣ ମାଧ୍ୟମରେ ଉତ୍ପାଦନ ଖର୍ଚ୍ଚ ହ୍ରାସ, ମୂଲ୍ୟବାନ କୃଷି ଦ୍ରବ୍ୟର ପ୍ରକ୍ରିୟାକରଣ, ଉନ୍ନତମାନର ବିହନ ଏବଂ ଚାରା ଉତ୍ପାଦନ ସାଙ୍ଗକୁ ସାମୂହିକ ପରୀକ୍ଷ-ନିରୀକ୍ଷା, କୃଷକ ମୋବାଇଲ୍ ସନ୍ଦେଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏ ସବୁର ବାର୍ତ୍ତା ବହନ କରି ଆମ କେନ୍ଦ୍ର ପକ୍ଷରୁ ପ୍ରକାଶ ପାଇବାକୁ ଯାଉଥିବା 'ଇସ୍ପାତ କୃଷି ବାର୍ତ୍ତା' ଚାଷୀଭାଇ, ଚାଷଉପରେ ନିର୍ଭର କରୁଥିବା ସାଧାରଣ ଜନତା ବିଶେଷକରି ଯୁବପିଢ଼ୀଙ୍କୁ ନିଶ୍ଚୟ ପ୍ରେରଣା ଦେବ ବୋଲି ଆଶା ।

[signature]

ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ

### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଡ. ଜୟନ୍ତ କୁମାର ପତି
କାର୍ଯ୍ୟକ୍ରମ ସଂଯୋଜକ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ

**ସହାୟତା:**
ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୫୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail: rourkelakvk@gmail.com
www.kvksundargarh2.org

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା



କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ ଓ ରାଉରକେଲାର ମିଳିତ ଆନୁକୂଲ୍ୟରେ ଗତ ଏପ୍ରିଲ ୧୬ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର କିରେଇ ପରିସରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାନନୀୟ କେନ୍ଦ୍ର ମନ୍ତ୍ରୀ ଓ ସୁନ୍ଦରଗଡ଼ର ସାଂସଦ ଶ୍ରୀଯୁକ୍ତ ଜୁଏଲ ଓରାମ ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଚାଷୀମାନଙ୍କୁ ଏହି ଯୋଜନାର ସୁଫଳ ବିଷୟରେ ଉଦ୍‌ବୋଧନ ଦେଇଥିଲେ । କୃଷି ଓ ଆନୁଷଙ୍ଗିକ ବିଷୟର ସରକାରୀ ଅଧିକାରୀମାନେ ଏହି ଉତ୍ସବରେ ଯୋଗ ଦେଇ ଚାଷୀମାନଙ୍କୁ ପରାମର୍ଶ ସେବା ପ୍ରଦାନ କରିଥିଲେ । ଏକ କୃଷି ସମ୍ବନ୍ଧୀୟ ପ୍ରଦର୍ଶନୀ ମଧ୍ୟ ଏହି ଅବସରରେ ଆୟୋଜନ କରାଯାଇ ଚାଷୀମାନଙ୍କୁ ମଞ୍ଜି, ସାର, ଔଷଧ, ଉନ୍ନତ ଚାଷ ପ୍ରଣାଳୀ, କୃଷିଜାତ ଦ୍ରବ୍ୟରୁ ମୂଲ୍ୟବୃଦ୍ଧି ଯୁକ୍ତ ପଦାର୍ଥ ପ୍ରସ୍ତୁତି କରଣ ଇତ୍ୟାଦି ସମ୍ବନ୍ଧରେ ଅବଗତ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ମହୋଦୟ ଏହି ଉତ୍ସବରେ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ସହଭାଗୀ ଅନୁଷ୍ଠାନଗୁଡ଼ିକର ସହଯୋଗ ପାଇଁ ଆହ୍ୱାନ କରିଥିଲେ । ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅନ୍ୟୁନ ୬୦୦ଜଣ ଚାଷୀ ଯୋଗ ଦେଇଥିଲେ ।

## କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ ଉପରେ ଆଲୋଚନା ଚକ୍ର

କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ ତରଫରୁ ଚଳିତ ବର୍ଷ ୨୦ତାରିଖରେ ଏକ ସଭା ଆୟୋଜିତ ହୋଇଥିଲେ । ଏହି ସଭାବରେ ଉଦ୍ୟାନ ବିଭାଗ, କୃଷି ବିଭାଗ ଇତ୍ୟାଦି ଆନୁଷଙ୍ଗିକ ବିଭାଗର ଅଧିକାରୀଗଣ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟ ଗ୍ରାମର ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ । ଏହି ଅବସର କୃଷିବିଜ୍ଞାନ କେନ୍ଦ୍ରର ୨୦୧୬-୧୭ବର୍ଷର କାର୍ଯ୍ୟାବଳୀ ପୁଙ୍ଖାନୁପୁଙ୍ଖ ଭାବର ଆଲୋଚିତ ହୋଇଥିଲା । ଚାଷୀମାନେ ନିଜ ନିଜ ଅଞ୍ଚଳର ଚାଷ ଏବଂ



ଏଥିଜନିତ ଆନୁଷଙ୍ଗିକ ବିଷୟକୁ ସଭାରେ ଉପସ୍ଥାପନ କରିଥିଲେ । କୃଷିବିଜ୍ଞାନ କେନ୍ଦ୍ରର ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ଚାଷୀ ଏବଂ ସ୍ଥାନ ମଧ୍ୟ ନିରୂପଣ ହୋଇଥିଲା । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟାବଳୀ ଉପରେ ନିଜର ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ । ଚାଷୀ, କୃଷି ବିଭାଗ ଅଧିକାରୀ ଏବଂ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକମାନଙ୍କ ମଧ୍ୟରେ ମତାମତ ଆଦାନ ପ୍ରଦାନ ପାଇଁ ଏହାଦ୍ୱାରା ଅନୁକୂଳ ପରିବେଶ ପ୍ରସ୍ତୁତ ହୋଇଥିଲା ।

## ବନ୍ୟଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି କରଣ ତାଲିମ



କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ଦ୍ୱାରା ସୁନ୍ଦରଗଡ଼ ସଦରଠାରେ ଏକ ବନ୍ୟଜାତ ଦ୍ରବ୍ୟରୁ ମୂଲ୍ୟଯୁକ୍ତ ହୋଇଥିଲା । ଏଥିରେ, ବେଲ, ଆମ୍ବ, ମହୁଲ, ତେନ୍ତୁଳି ଇତ୍ୟାଦିର ମୃଦୁ ପାନୀୟ, ଜାମ୍ ଇତ୍ୟାଦି ପଦାର୍ଥ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟୁନ ପାଞ୍ଚଟି ଗ୍ରାମରୁ ୫୦ଜଣ ମହିଳା ଯୋଗଦେଇଥିଲେ । ଜଙ୍ଗଲରୁ ମିଳିଥିବା ଏହି ଜିନିଷଗୁଡ଼ିକ ଅତି ସ୍ୱଳ୍ପ ମୂଲ୍ୟରେ ବିକ୍ରି ହୋଇଥାଏ ଏବଂ ଅନେକ ନଷ୍ଟ ମଧ୍ୟ ହୋଇଥାଏ । ତେଣୁ ମହିଳାମାନଙ୍କୁ ଏହି ପ୍ରଶିକ୍ଷଣ ଦ୍ୱାରା ବନ୍ୟଜାତ ଖାଦ୍ୟ ପଦାର୍ଥରୁ ଉପଯୁକ୍ତ ଦ୍ରବ୍ୟ ପ୍ରସ୍ତୁତି କରି ଖାଦ୍ୟ ସଂରକ୍ଷଣ କରିବା ସହିତ ସେଗୁଡ଼ିକୁ ବଜାରରେ ବିକ୍ରି କରି ରୋଜଗାରକ୍ଷମ ହେବାପାଇଁ ସଚେତନ କରାଯାଇଥିଲା ।





## ଚିନାବାଦାମ ଫସଲର ଆଗୁଆଧାଡ଼ି ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ବଣେଇ ବ୍ଲକର ଜାଙ୍ଗଳା ଏବଂ ରୁଗୁଡ଼ା ଗ୍ରାମରେ କ୍ଲଷ୍ଟର ଡ଼େମୋନ୍‌ଷ୍ଟ୍ରେସନ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ୩୦ଜଣ ଚାଷୀଙ୍କର ୨୫ ଏକର ଜମିରେ ଚିନାବାଦାମ ଉନ୍ନତ କିସମ - 'ଟି.ଏ.ଜି. ୩୭ଏ'କୁ ଚାଷ କରାଯାଇଥିଲା । ଚାଷୀମାନଙ୍କୁ କେନ୍ଦ୍ର ତରଫରୁ ବିହନ ପ୍ରଦାନ କରାଯାଇ ସମୟ ସମୟରେ ସେମାନଙ୍କୁ ଚିନାବାଦାମ ଫସଲର ବିଭିନ୍ନ ବୈଷୟିକ ଦିଗ ଉପରେ ପରାମର୍ଶ ଦିଆଯାଇଥିଲା । ଏହି ପ୍ରଦର୍ଶିତ କ୍ଷେତରୁ ଚାଷୀମାନେ ହେକ୍ଟର ପ୍ରତି ୧୯.୫ କ୍ୟୁଣ୍ଟାଲ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ ଅମଳ ଅପେକ୍ଷା ଶତକଡ଼ା ୩୫ଭାଗ ଅଧିକ ଥିଲା । ଏହି କିସମଟିର ବିହନ ଚାଷୀଭାଇମାନଙ୍କର ଦ୍ୱାରା ଆଦୃତ ହେବା ସଙ୍ଗେ ସଙ୍ଗେ ସେମାନେ ଏହାକୁ ଭଲ ଦରରେ ବିକ୍ରି କରିପାରିଥିଲେ । ଆଗାମୀ ଦିନରେ ସେମାନେ କେନ୍ଦ୍ର ଏହି ଜ୍ଞାନ କୌଶଳକୁ ଆପଣାଇ ଅଧିକ ଜମିରେ ଚିନାବାଦାମ ଚାଷ କରିବାକୁ ମନସ୍ଥ କରିଛନ୍ତି ।



## ଜନଜାତି ଉପଯୋଜନା ତରଫରୁ ଆଦିବାସୀ ମହିଳାମାନଙ୍କ ଦ୍ୱାରା ଘର ଅଗଣାରେ ରଙ୍ଗୀନ କୁକୁଡ଼ା ପାଳନ

ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ବହୁଳ ହୋଇଥିବାରୁ ଜନଜାତି ଉପଯୋଜନା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆଦିବାସୀ ମହିଳାମାନଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରିବା ପାଇଁ ସେମାନଙ୍କୁ ଘର ଅଗଣାରେ ରଙ୍ଗୀନ କୁକୁଡ଼ା ପାଳନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲେ । ଗୁଟିବରହ ଗ୍ରାମବାସୀମାନଙ୍କୁ ଗତ ଫେବୃୟାରୀ ମାସରେ ୧୦୦ଜଣ ଆଦିବାସୀ ମହିଳାଙ୍କୁ ୧୦ଟି ଲେଖାଏଁ ଏକ ମାସ ହୋଇଥିବା ବନରାଜା କୁକୁଡ଼ା ଚିଆଁ ପ୍ରଦାନ କରାଯାଇଥିଲା ।ଏହି କୁକୁଡ଼ାମାନଙ୍କ ଟିକାଦାନ ଓ ଚିକିତ୍ସା ବ୍ୟବସ୍ଥା ମଧ୍ୟ ସ୍ଥାନୀୟ ପଶୁଚିକିତ୍ସା ଅଧିକାରୀଙ୍କ ସହାୟତାରେ କରାଯାଇଥିଲା । କୁକୁଡ଼ା ଚିଆଁ ଗୁଡ଼ିକର ସଠିକ୍ ଭାବରେ ଯତ୍ନ ନେବା ପାଇଁ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଫଳରେ କୁକୁଡ଼ାଗୁଡ଼ିକ ସୁସ୍ଥ ଭାବରେ ବୃଦ୍ଧି ଲାଭ କରିଥିଲେ । ଏପ୍ରିଲ ଏବଂ ମେ ମାସରେ ଉକ୍ତ କୁକୁଡ଼ାଗୁଡ଼ିକର ଓଜନ ୨କି.ଗ୍ରା.ରୁ ୨.୨ କି.ଗ୍ରା. ବୃଦ୍ଧି ପାଇଥିଲା ଏବଂ କୁକୁଡ଼ା ବିକ୍ରି କରି ଆଦିବାସୀ ମହିଳାମାନେ ବେଶ୍ ଲାଭାନ୍ୱିତ ହୋଇଥିଲେ ।



## କୃଷି ବିଜ୍ଞାନ କେନ୍ଦ୍ରର ନିଜକଥା

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨, ରାଉରକେଲାର ପାନପୋଷ୍‌ର ହକିଛକ ନିକଟରେ କାର୍ଯ୍ୟ କରିଆସୁଅଛି । କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଯଥା: ଉଦ୍ୟାନ, ପ୍ରାଣୀସମ୍ପଦ ବିକାଶ, ମତ୍ସ୍ୟ ଚାଷ, ଛତୁଚାଷ, ମୃତ୍ତିକା ସଂରକ୍ଷଣ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ତଥା ଉଦ୍ଭାବିତ ନୂତନ ଜ୍ଞାନ କୌଶଳକୁ ଚାଷୀମାନଙ୍କ ପାଖକୁ ସଂପ୍ରସାରିତ କରିବା ଆମ କେନ୍ଦ୍ରର ମୂଳ ଲକ୍ଷ୍ୟ । ନିଜର ପାରମ୍ପରିକ ସଂପ୍ରସାରଣ କାର୍ଯ୍ୟକ୍ରମ ଯଥା ତାଲିମ ପ୍ରଦାନ, ଚାଷୀ କ୍ଷେତ୍ରରେ ପରୀକ୍ଷଣ, ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ଏବଂ ବୈଷୟିକ କୃଷି ପରାମର୍ଶ, କ୍ଷେତ୍ର ଦିବସ ପାଳନ, ମୋବାଇଲ ସନ୍ଦେଶ ପ୍ରଦାନ, କୃଷି ମେଳା ତଥା କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜନ ଏବଂ ବୈଜ୍ଞାନିକ ପୁସ୍ତିକା ବିତରଣ କାର୍ଯ୍ୟ ଇତ୍ୟାଦି ମାଧ୍ୟମରେ ଜିଲ୍ଲାର ଚାଷିକୁଳକୁ ସମୃଦ୍ଧ କରିବାକୁ ଆମ କେନ୍ଦ୍ର ଚେଷ୍ଟାରତ ।

ଏହା ବ୍ୟତୀତ ବର୍ଷା ଦିନିଆ ଚାଷ ପାଇଁ ବିଭିନ୍ନ ଫଳ ଓ ପନିପରିବା ଚାରା ଯେପରି ବାଇଗଣ, ସଜନା, ରେଡ୍ ଲେଡି କିସମର ଅମୃତଭଣ୍ଡା ଓ ବର୍ଷାଦିନିଆ ଫୁଲକୋବି ଚାଷୀମାନଙ୍କ ପାଇଁ ଉପଲବ୍ଧ । ଆଗ୍ରହୀ ସ୍ୱୟଂ ସହାୟକ ଗୋଷ୍ଠୀ, କୁକୁଡ଼ା ଉଦ୍ୟୋଗୀମାନଙ୍କୁ ଆଦିବାସୀ ଉପଯୋଜନା ମାଧ୍ୟମରେ କୁକୁଡ଼ା ଚିଆଁ ଆବଣ୍ଟନ କରାଯାଉଛି । କୃଷି ସମ୍ବନ୍ଧୀୟ ଯେକୌଣସି ସହାୟତା ପାଇଁ ଆମ ବୈଜ୍ଞାନିକମାନେ ସଦାତତ୍ପର ।